# ଅନ୍ତଃ ଚାଷରେ ସମନ୍ୱିତ ରୋଗ ପୋକ ପରିଚାଳନା



**ନାମ : ଡମ୍ବରୁ ନାୟକ**
ଗ୍ରାମ : ପାଲିଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୫୩ ବର୍ଷ
ଜାତି : ଭୂମିଆ (ଆଦିବାସୀ)
ବୃତ୍ତି : କୃଷି (୯ ଏକର)
ପରିବାରର ସଂଖ୍ୟା : ୧୦ (୬ ବୟସ୍କ, ୪ ଶିଶୁ)

ସାଧାରଣତଃ, ମୁଁ ବିରି ଓ କାନ୍ଦୁଲକୁ ଧାନ କିମ୍ବା ମାଣ୍ଡିଆ ସହିତ ମୋର ୨ ଏକର ଡଙ୍ଗର ଜମିରେ ପାରରିକ ପଦ୍ଧତିରେ ବୁଣା କରୁଥିଲି । ଏହି ପଦ୍ଧତିରେ କାନ୍ଦୁଲ ବିହନର ଅନୁପାତ ବହୁତ୍ କମ୍ ରହୁଥିଲା, ଯାହା ଦ୍ୱାରା ଏକର ପ୍ରତି ଅତିବେଶୀରେ ୧୦–୧୫ କି.ଗ୍ରା. କାନ୍ଦୁଲ ଅମଳ କରୁଥିଲି । ଫଳରେ ଡାଲି ପାଇଁ ମୁଖ୍ୟତଃ ବଜାର ଉପରେ ନିର୍ଭର କରିବାକୁ ପଡୁଥିଲା । ବଜାରରେ କାନ୍ଦୁଲ ଡାଲି ଦର ଅଧିକ ଥିବାରୁ ପ୍ରାୟତଃ ମସୁରୀ ଓ କୋଳଥକୁ ଡାଲି ଭାବେ ବ୍ୟବହାର କରୁଥିଲୁ । ୨୦୧୫ ମସିହାରେ, ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଲାନ୍‌ସା ପ୍ରକଳ୍ପ ଅଧିନରେ ଅଟାଳଗୁଡ଼ା ଗ୍ରାମରେ ହୋଇଥିବା ମକା ଓ କାନ୍ଦୁଲର ଅନ୍ତଃଚାଷ ବିଷୟରେ ଜାଣିବାକୁ ପାଇଲି । ଏଥିପାଇଁ ମୋର ଆଗ୍ରହ ସୃଷ୍ଟି ହେଲା ଏବଂ ମୋ ଜମିରେ ଏଭଳି ଚାଷ କରିବାକୁ ମନ ବଳାଇଲି । ସ୍ୱାମୀନାଥନ୍ ଫାଉଣ୍ଡେସନର ଲାନ୍‌ସା କର୍ମଚାରୀମାନଙ୍କୁ ଏ ବିଷୟରେ ଯୋଗାଯୋଗ କରିବାରୁ ସେମାନେ ମୋତେ ଉନ୍ନତ କିସମର କାନ୍ଦୁଲ ଓ ମକା ବିହନ ଦେଇ ଗୋଟିଏ ଧାଡ଼ିରେ ମକା ଓ ଅନ୍ୟଧାଡ଼ିରେ କାନ୍ଦୁଲ ବୁଣିବାକୁ ପରାମର୍ଶ ଦେଇଥିଲେ । ୨୦୧୬ ଖରିଫ୍ ଋତୁରେ ମୁଁ ୦.୨୫ ଏକର ଜମିରେ ଉପରୋକ୍ତ ପ୍ରଣାଳୀରେ ମକା–କାନ୍ଦୁଲ ଚାଷ କଲି । ସେଥିରୁ ପାଖାପାଖି ୧୦୦ କି.ଗ୍ରା. କଞ୍ଚା ମକା ଅମଳ କଲି । ପ୍ରାୟ ୩୦ କି.ଗ୍ରା. ମକା ଘରେ ଖାଇଲା ପରେ ବଳକା ମକାରୁ ୧୦ କି.ଗ୍ରା. ମୋର ସ–ର୍କୀୟ ଓ ପଡ଼ୋଶୀମାନଙ୍କୁ ବାଣ୍ଟିଥିଲି ଏବଂ ୬୦ କି.ଗ୍ରା. ମକାକୁ କି.ଗ୍ରା. ପ୍ରତି ୧୦ଟଙ୍କା ଦରରେ ସ୍ଥାନୀୟ ବଜାରରେ ବିକ୍ରି କରିଥିଲି ।

ମକା ଅମଳ ପରେ କାନ୍ଦୁଲରେ ଫୁଲ ଆସିଲା । ମୁଁ ସବୁବେଳେ ଜମିକୁ ନିରୀକ୍ଷଣ କରୁଥାଏ । ଦିନେ ଫସଲର କିଛି ଅଂଶରେ ଫଳବିନ୍ଧା (ଛୁଇଁବିନ୍ଧା) ପୋକ ଲାଗିବା ଦେଖି ତୁରନ୍ତ ଲାନ୍‌ସା କର୍ମଚାରୀମାନଙ୍କୁ ଜଣାଇଲି, ସେମାନଙ୍କ ପରାମର୍ଶ ଅନୁସାରେ ସନ୍ଧ୍ୟାରେ କୀଟନାଶକ ସିଞ୍ଚନ କରିବା ସହ ପୋକ ଗୁଡ଼ିକୁ ହାତରେ ଗୋଟେଇ ନିଆଁରେ ପୋଡିବା ସହିତ କିଛି ପୋକକୁ ମାଟିରେ ପୋତିଦେଲି । ଆହୁରି ମଧ୍ୟ ଜମିରେ ପକ୍ଷୀ ବସିବା ପାଇଁ ଖୁଣ୍ଟି ପୋତିଲି ଯାହା ଦ୍ୱାରା ପକ୍ଷୀମାନେ ସେହି ଖୁଣ୍ଟରେ ବସି ପୋକ ଗୁଡ଼ିକୁ ଖାଇବାକୁ ଲାଗିଲେ । ଏହାଦ୍ୱାରା ସେହି ୦.୨୫ ଏକର ଜମିରୁ ପ୍ରାୟ ୨୦୦ କି.ଗ୍ରା. କାନ୍ଦୁଲ ଅମଳ କରିପାରିଲି । ସେଥି ମଧ୍ୟରୁ ପ୍ରାୟ ୨୦ କି.ଗ୍ରା. କଞ୍ଚା କାନ୍ଦୁଲ, କି.ଗ୍ରା. ପ୍ରତି ୪୦ଟଙ୍କା ଦରରେ ବିକ୍ରିକଲି ଏବଂ ୧୫–୨୦ କି.ଗ୍ରା. କଞ୍ଚା କାନ୍ଦୁଲ ଘରେ ଖାଇବାରେ ବ୍ୟବହାର କଲି । ବର୍ତ୍ତମାନ ମୋ ପାଖରେ ପ୍ରାୟତଃ ୧୫୦ କି.ଗ୍ରା. ଶୁଖିଲା କାନ୍ଦୁଲ ଅଛି ଯାହାକି ଘରର ଡାଲି ନିମନ୍ତେ ବର୍ଷାସାରା ଯଥେଷ୍ଟ ହେବ ଏବଂ ବଜାର ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ । ଉଭୟ ଫସଲକୁ ଅନ୍ତଃଚାଷ କରି ଏବଂ ସମନ୍ୱିତ ରୋଗ ପୋକ ପରିଚାଳନା କରି ଭଲ ଅମଳ ପାଇଥିବାରୁ ମୁଁ ବହୁତ ଖୁସି । ଗୋଟିଏ ଅମଳ ପରେ ବି ପୁଣି ଥରେ କାନ୍ଦୁଲରେ ଫୁଲ ଆସିଛି ଏବଂ ସେଥିରୁ ଆହୁରି ୩୦–୩୫ କି.ଗ୍ରା. କାନ୍ଦୁଲ ପାଇବି ବୋଲି ମୋର ଆଶା । ବର୍ତ୍ତମାନ ଆମ ଗାଁ ସହ ଆଖପାଖର ଅନେକ ଚାଷୀ ମୋ ଚାଷ ଦେଖିବାକୁ ଆସୁଛନ୍ତି ଏବଂ ସେମାନଙ୍କ ଜମିରେ କାନ୍ଦୁଲ ଚାଷ କରିବା ପାଇଁ ମୋ ଠାରୁ ବିହନ ମଧ୍ୟ ନେଉଛନ୍ତି ।




ଲେଖା ଓ ପ୍ରସ୍ତୁତି: **ନରେଶ ଚନ୍ଦ୍ର ପାତ୍ର,**
ବୈଷୟିକ ସହାୟକ,
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା



LANSA Leveraging Agriculture for Nutrition in South Asia | MSSRF Science for Sustainable Development